ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

## <u>ବିଜ୍ଞାପନ</u>

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା-୨୦୧୮ ଅନୁଯାୟୀ ଆର୍ଥିକ ସହାୟତା ନିମନ୍ତେ ଆବେଦନ

ରାଜ୍ୟ ସରକାର  କଳାର ସମୃଦ୍ଧି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମାନ୍ୟତା ପ୍ରାପ୍ତ ଅଭିଜ୍ଞ ତଥା ପ୍ରତିଷ୍ଠିତ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସରଥିବା କଳାକାରମାନଙ୍କୁ ବରିଷ୍ଠତା ଭିତ୍ତିରେ ମାସିକ ୧୨୦୦ (ବାରଶହ)ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା-୨୦୧୮' ପ୍ରଚଳନ କରିଛନ୍ତି। ଉକ୍ତ ଯୋଜନାରେ ରାଜ୍ୟର ଅନୂନ୍ୟ ୫୦,୦୦୦ (ପଚାଶ ହଜାର) କଳାକାରଙ୍କୁ ସାମିଲ କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ। ତେଣୁ ବିଭିନ୍ନ ଜିଲ୍ଲାରେ ସମ୍ପୃକ୍ତ ଯୋଜନାରେ ଅଦ୍ୟାବଧି ଖାଲି ପଡ଼ିଥିବା ସ୍ଥାନଗୁଡ଼ିକରେ ହିତାଧିକାରୀ ଚୟନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ସ୍ଥିର କରିଛନ୍ତି। ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ସମ୍ପୃକ୍ତ କଳାକାରଙ୍କ ବୟସ ପୁରୁଷମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ୫୦ (ପଚାଶ) ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ସର୍ବ ନିମ୍ନ ୪୦ (ଚାଳିଶ) ବର୍ଷ ହୋଇଥିବା ଆବଶ୍ୟକ। ଗ୍ରାମାଞ୍ଚଳରେ ବସବାସ କରୁଥିବା କଳାକାରମାନଙ୍କ କ୍ଷେତ୍ରରେ ବାର୍ଷିକ ଆୟ ଟ ୫୦,୦୦୦/- (ପଚାଶ ହଜାର ଟଙ୍କା) ଏବଂ ସହରାଞ୍ଚଳରେ ବାସ କରୁଥିବା କଳାକାରମାନଙ୍କ କ୍ଷେତ୍ରରେ ବାର୍ଷିକ ଆୟ ଟ ୬୦,୦୦୦/- (ଷାଠିଏ ହଜାର ଟଙ୍କା)ରୁ ଅଧିକ ହୋଇନଥିବା ବିଧେୟ। ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ନିମନ୍ତେ ଇଚ୍ଛୁକ କଳାକାର ନିର୍ଦ୍ଧାରିତ ଫର୍ମ (ସାରଣୀ)ରେ ନିଜ ବିଷୟରେ  ଆବଶ୍ୟକୀୟ ତଥ୍ୟ ପୂରଣ କରି ପୂର୍ଣ୍ଣାଙ୍ଗ ଦରଖାସ୍ତ ନିଜ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠିକଣାରେ ବ୍ୟକ୍ତିଗତ ଭାବେ / ଡାକ ଦ୍ୱାରା / ଜିଲ୍ଲାପାଳଙ୍କ ଇ-ମେଲ ମାଧ୍ୟମରେ ଅକ୍ଟୋବର ୩୦ (୩୦.୧୦.୨୦୨୧) ତାରିଖ ସୁଦ୍ଧା ପଠାଇବା ଆବଶ୍ୟକ। ଦରଖାସ୍ତ ସହିତ ଆବଶ୍ୟକ ସମସ୍ତ ପ୍ରମାଣପତ୍ରର ସ୍ୱପ୍ରମାଣିକୃତ ନକଲ ସଂଲଗ୍ନ କରିବା ବିଧେୟ।

ସଠିକ୍ ଫର୍ମ (ସାରଣୀ)ରେ ପୂରଣ ହୋଇ ନଥିବା / ନିର୍ଦ୍ଧାରିତ ସମୟସୀମା ପରେ ମିଳିଥିବା ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ଯେଉଁ କଳାକାରମାନେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିଥିବେ, ସେମାନେ ବିଜ୍ଞାପନରେ ଉଲ୍ଲେଖଥିବା ଅବଧି ମଧ୍ୟରେ ନିର୍ଦ୍ଧାରିତ ଫର୍ମ (ସାରଣୀ)ରେ ନିଜର କଳାକାର ସମ୍ପର୍କିତ ସମସ୍ତ ତଥ୍ୟ ସହ ପୁନଃ ଆବେଦନ କରିପାରିବେ। 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ର ବିବରଣୀ/ନିୟମ/ଆବେଦନ ଫର୍ମ (ସାରଣୀ) ସହିତ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ : (www.odishaculture.gov.in)ରେ ଏବଂ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ।

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

Scanned with CamScanner

# ମୁଖ୍ୟମନ୍ତ୍ରୀ କଳାକର ସହାୟତା ଯୋଜନା ପାଇଁ ଆବେଦନ ପତ୍ର

(ନିଜର ଏକ ପ୍ରମାଣିକୃତ ଫଟୋ ଏଠାରେ ସଂଲଗ୍ନ କରନ୍ତୁ)

୧. କଳାକାରଙ୍କ ନାମ :

୨. ପିତା /ସ୍ୱାମୀଙ୍କ ନାମ :

୩. ଯୋଗାଯୋଗ ଠିକଣା :

୪. ସ୍ଥାୟୀ ଠିକଣା (ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ରର ପ୍ରମାଣିକୃତ ନକଲ ସଂଲଗ୍ନ କରନ୍ତୁ) :

୫. ଜନ୍ମ ତାରିଖ (ପ୍ରମାଣିକୃତ ସାର୍ଟିଫିକେଟର ନକଲ ସଂଲଗ୍ନ କରନ୍ତୁ) :

୬. ଭୋଟର ପରିଚୟ ପତ୍ର ଏବଂ ଆଧାର କାର୍ଡ଼ ନମ୍ବର (ନକଲ ସଂଲଗ୍ନ କରନ୍ତୁ)

୭. କେଉଁ ପ୍ରକାର କଳାକାର :

୮. କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟର ବିବରଣୀ : (ପ୍ରମାଣପତ୍ର ଥିଲେ ସଂଲଗ୍ନ କରନ୍ତୁ)

୯. ପରିବାରର ସମସ୍ତ ସୂତ୍ରରୁ ବାର୍ଷିକ ଆୟର ପରିମାଣ : (ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)

୧୦.ଦରଖାସ୍ତକାରୀଙ୍କ ଉପରେ ନିର୍ଭରଶୀଳ : ପରିବାର ସଦସ୍ୟଙ୍କ ଉପରେ ନିର୍ଭରଶୀଳ (ଦରଖାସ୍ତକାରୀଙ୍କ ସହ ସେମାନଙ୍କ ସମ୍ପର୍କ, ବୟସ, ବୃତ୍ତି ଓ ଆୟର ପନ୍ଥା ଯଦି କିଛି ଥାଏ ତାହାର ବିବରଣୀ ପ୍ରଦାନ କରିବେ)

୧୧.ଦରଖାସ୍ତକାରୀ କେନ୍ଦ୍ର ବା ରାଜ୍ୟ ସରକାରଙ୍କଠାରୁ କୌଣସି : ଯୋଜନାରେ ପୂର୍ବରୁ ଭତ୍ତା/ସହାୟତା ପାଉଛନ୍ତି କି ? ( ଯଦି ପାଉଥାନ୍ତି ତେବେ ତାହାର ସବିଶେଷ ବିବରଣୀ ପ୍ରଦାନ କରନ୍ତୁ)

୧୨. କଳାକାର ସ୍ଥାୟୀ ଭାବରେ ବସବାସ କରୁଥିବା : ଗ୍ରାମପଞ୍ଚାୟତ ସହିତ ବ୍ଲକ୍/ ପୌରାଞ୍ଚଳର ନାମ

ଏତଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ। ଯଦି ଭବିଷ୍ୟତରେ ଏହା ଭୁଲ ବୋଲି ପ୍ରମାଣିତ ହୁଏ, ମୁଁ ଏ ବାବଦରେ ସରକାରଙ୍କ ନିକଟରୁ ପାଉଥିବା ସମସ୍ତ ସହାୟତା ରାଶି ଫେରସ୍ତ କରିବା ସହିତ ମୋ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି।

ସ୍ଥାନ : ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

ତାରିଖ :

Scanned with CamScan